# SAMPLE QUESTION PAPER
## CLASS- X
## ଓଡ଼ିଆ ODIA

- Please check that this question paper contains 4 Printed pages.
- Code number given on the right hand side of the question paper should be written on the title page of the answer book by the candidate.
- Please check that this question paper contains 11 questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 am. From 10.15 am to 10.30 am, the students will read the question paper only and will not write any answer on the answer book during this period.

ସମୟ - ୩ ଘଂଟା | ପୂର୍ଣ୍ଣ ସଂଖ୍ୟା - ୮୦

*Time allowed : 3 hours* | *Maximum Marks: 80*

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10
(ଖ) ଲିଖନ – Writing – 15
(ଗ) ବ୍ୟାକରଣ – Grammar – 20
(ଘ) ସାହିତ୍ୟ – Literature – 35

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## 'କ' ବିଭାଗ (Section –A -10 Marks)

୧. ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5 x 2 =10

ଓଡ଼ିଶା ଥିଲା ଖଣ୍ଡଛିନ୍ନ । ଏହାର ବହୁ ଅଂଶ ବଙ୍ଗ-ବିହାର ସହିତ ମିଶି ରହିଥିଲା । ବହୁ ଶ୍ରମ ଓ ସାଧନା ଫଳରେ ବିଚ୍ଛିନ୍ନାଂଚଳର ମିଶ୍ରଣ ଘଟିଲା ଏବଂ ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ସମୟର ଆହ୍ୱାନରେ କେତେକ ପତ୍ର-ପତ୍ରିକା ଓଡ଼ିଆ ଭାଷାର ସଂକଟମୟ କାଳରେ ଯଥାର୍ଥ ସହାୟତା କରିବାକୁ ଆଗେଇ ଆସିଥିଲା । ସ୍ୱାଧୀନତା ପରେ ଓଡ଼ିଆ ଭାଷା ଚର୍ଚ୍ଚା ପାଇଁ ଉପଯୁକ୍ତ ପରିସର ସୃଷ୍ଟି ହେଲା । ଓଡ଼ିଆ ଭାଷାରେ ଛାତ୍ରଛାତ୍ରୀମାନେ ପ୍ରାଥମିକ ସ୍ତରରେ ଶିକ୍ଷା ପାଇବାକୁ ସୁଯୋଗ ପାଇଲେ ; କିନ୍ତୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାର ଗୁରୁତ୍ୱ ହ୍ରାସ ପାଇଲା । ଇଂରାଜୀ ଭାଷା ଓ ସାହିତ୍ୟ ଶିକ୍ଷାର ପ୍ରସାର ହେଲା, ସରକାରୀ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଇଂରାଜୀ ଭାଷାରେ ଚାଲିଲା । ଓଡ଼ିଆ ଭାଷାରେ ଟାଇପ୍ ରାଇଟର୍ ଅଭାବ ଯୋଗୁଁ ଓଡ଼ିଆ ରାଜଭାଷା ହୋଇପାରିଲା ନାହିଁ । ଓଡ଼ିଶା ରାଜନୀତିକ ଦୃଷ୍ଟିରୁ ସ୍ୱାଧୀନ ହେଲା ସତ, ମାତ୍ର ମାନସିକ ଓ ସାଂସ୍କୃତିକ ସ୍ତରରେ ଏହା ପାଶ୍ଚାତ୍ୟ ସଂସ୍କୃତି ନିକଟରେ ଯେମିତି ବନ୍ଧା ପଡ଼ିଗଲା । ଓଡ଼ିଆ ଭାଷାର ସଂକଟକୁ ଏଡ଼ାଇବା ପାଇଁ ପ୍ରତ୍ୟେକ ଶୁଦ୍ଧ ଲିଖନ, ପଠନ, ପୁସ୍ତକ ପ୍ରକାଶନ ଏବଂ ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାକୁ ବହୁଳ ବ୍ୟବହାର ଏକାନ୍ତ ଆବଶ୍ୟକ ।

ପ୍ରଶ୍ନାବଳୀ:

କ. ଓଡ଼ିଶା କାହା ସହିତ ମିଶି ରହିଥିଲା ?

ଖ. ଓଡ଼ିଶା କେବେ ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା ?

ଗ. ଓଡ଼ିଆ ଭାଷାର ସଂକଟ ବେଳେ କ'ଣ ସହାୟ ହୋଇଥିଲା ?

ଘ. କେଉଁ ସ୍ତରରେ ଓଡ଼ିଆ ଭାଷାର ଗୁରୁତ୍ୱ ହ୍ରାସ ପାଇଥିଲା ?

ଙ. ଓଡ଼ିଆ ଭାଷା କାହିଁକି ରାଜଭାଷା ହୋଇପାରି ନଥିଲା ?

## 'ଖ' ବିଭାଗ (Section –B -15 Marks)

8

**୨. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।**

(କ) ପରମାଣୁ ଅସ୍ତ୍ର ଓ ବିଶ୍ୱ ଭବିଷ୍ୟତ

(ଖ) ଆଦର୍ଶ ଛାତ୍ର ଜୀବନ

(ଗ) ସବୁଜ ପୃଥିବୀ

7

**୩. ଯେକୌଣସି ଗୋଟିଏ ପତ୍ର ଲେଖ ।**

ତୁମର ସମସ୍ତ ସାର୍ଟିଫିକେଟ୍ କୌଣସି କାରଣରୁ ହଜିଯାଇଛି । ଏ ସମ୍ପର୍କରେ ଏକ ସୂଚନା ପ୍ରକାଶ ପାଇଁ ସମ୍ପାଦକଙ୍କୁ ପତ୍ର ଲେଖ ।

**କିମ୍ବା**

ତୁମ ଅଂଚଳରେ ପାନୀୟ ଜଳର ଅଭାବ ସମ୍ପର୍କରେ ଅଭିଯୋଗ ସତ୍ତ୍ୱେ କୌଣସି ବ୍ୟବସ୍ଥା କରାଯାଉ ନାହିଁ । ଏ ବିଷୟରେ ଏକ ବିବରଣୀ ପ୍ରକାଶ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ରଟିଏ ଲେଖ ।

## 'ଗ' ବିଭାଗ (Section –C -20 Marks)

4 x1=04

**୪. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

**(କ) ନିର୍ଦ୍ଦେଶ ଅନୁସାରେ ବାକ୍ୟ ପରିବର୍ତ୍ତନ କର । (ଯେକୌଣସି ଚାରୋଟିର)**

i. ସେ ଅସୁସ୍ଥ ଥିବାରୁ ପରୀକ୍ଷା ଦେଇପାରିଲା ନାହିଁ । (ଜଟିଳ ବାକ୍ୟ)

ii. ଜେଜେ ଆସିବାରୁ ଆମେ ସମସ୍ତେ ଖୁସି ହେଲୁ । (ଯୌଗିକ ବାକ୍ୟ)

iii. ମୁଁ ଯେଉଁ ଉତ୍ତର ଦେଇଥିଲି, ଶିକ୍ଷକ ସେଥିରେ ଖୁସି ହେଲେ ନାହିଁ । (ସରଳ ବାକ୍ୟ)

iv. ଯେତେବେଳେ ଶରତ ଋତୁ ଆସେ, ସେତେବେଳେ ଚାରିଆଡ଼େ ସବୁଜ ଦିଶେ । (ସରଳ ବାକ୍ୟ)

v. ହରି ଭଲ ନାଚିବାରୁ ଅଧକ୍ଷ ତାକୁ ପୁରସ୍କୃତ କଲେ । (ଜଟିଳ ବାକ୍ୟ)

vi. ଗୋପାଳବାବୁ ମନ୍ଦିର ପାଖକୁ ଯାଇଥିଲେ ବି ଠାକୁର ଦର୍ଶନ କଲେ ନାହିଁ । (ଯୌଗିକ ବାକ୍ୟ)

4 x1=04

**(ଖ) ଶୁଦ୍ଧ କରି ଲେଖ । (ଯେକୌଣସି ଚାରୋଟିର)**

i. ହସ୍ତୀଦନ୍ତ

ii. ଉପଯୋଗୀତା

iii. ଆଶ୍ରୀର୍ବାଦ

iv. ଚଳଣୀ

v. ଗୋଲକବିହାରୀ

vi. ଅନୁସୂୟା

(ଗ) ଉପଯୁକ୍ତ ଯତିପାତ ଲଗାଇ ଉଦାହରଣ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ । 1 x4=04

'ଭାଗବତ ବାଣୀ' କିମ୍ବା 'ନଟବାଣୀ'

(ଘ) ରୂଢ଼ିକୁ ବାକ୍ୟରେ ବ୍ୟବହାର କର । (ଯେକୌଣସି ଚାରୋଟିର) 4 x1=04

i. ଛାତି ପଥର କରିବା
ii. ଅହିନକୁଳ ସମ୍ପର୍କ
iii. ନାଟର ଗୋବର୍ଦ୍ଧନ
iv. ଉଷୁନା ଧାନ ଗଜା ହେବା
v. ଗୋଡ଼ ଟେକି ବସିବା
vi. ରକ୍ତ ଚାଉଳ ଚୋବାଇବା

(ଙ) ଓଡ଼ିଆରେ ଅନୁବାଦ କରି ଲେଖ । 1 x4=04

Time waits for none. He who makes best use of time, Prospers. But those who waste their time in vain, suffer from poverty and starvation. Idleness is a great foe of human life. Hence we should attend to our duties and responsibilities in time. Some people are very lazy. They never work in time. So they suffer a lot in life.

## 'ଘ' ବିଭାଗ (Section –D -35 Marks)

୫. ସପ୍ରସଙ୍ଗ ସରଳାର୍ଥ ଲେଖ । 1 x5 =05

ଏହା ମଧ ତାଙ୍କ କୃତ କର୍ମର ପରିଣାମ ।

**କିମ୍ବା**

ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

୬. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ । 3 x2 =06

(କ) ବିବେକାନନ୍ଦଙ୍କର ଅସଲ ଶକ୍ତି କ'ଣ ଥିଲା ?
(ଖ) ଦେଶଭକ୍ତ ବୋଲି କାହାକୁ କୁହାଯାଇ ପାରିବ ନାହିଁ ?
(ଗ) ରୋମୀୟ ସଭ୍ୟତା ଓ ଭାରତୀୟ ସଭ୍ୟତାର ଆଦର୍ଶ ମଧ୍ୟରେ ପାର୍ଥକ୍ୟ କ'ଣ ?
(ଘ) ଭଲ ବିଶ୍ୱବାସୀ କହିଲେ କ'ଣ ବୁଝାଏ ?
(ଙ) ସୂର୍ଯ୍ୟାସ୍ତ ନିଲାମ ଆଇନ୍ ଦ୍ୱାରା ଓଡ଼ିଆ ଜନତା କିପରି କ୍ଷତିଗ୍ରସ୍ତ ହେଲେ ?

୭. ଉତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । 4 x1 =04

(କ) 'କୃଷକ ସଂଗୀତର' ରଚୟିତା କିଏ ?

(i) ରାଧାନାଥ ରାୟ (ii) ସଚ୍ଚି ରାଉତରାୟ
(iii) ମଧୁସୂଦନ ରାଓ (iv) ଗଙ୍ଗାଧର ମେହେର

(ଖ) ମହାନ କର୍ମ କେଉଁମାନେ ସଂପାଦନ କରିଥାନ୍ତି ?

(i) ବୁଦ୍ଧିମାନ ବ୍ୟକ୍ତି (ii) ଦୃଢ଼ମନା ବ୍ୟକ୍ତି
(iii) ଶିକ୍ଷିତ ବ୍ୟକ୍ତି (iv) ଗୁଣବାନ୍ ବ୍ୟକ୍ତି

(ଗ) ଭାଷା ସୁରକ୍ଷା ପାଇଁ ଯେଉଁମାନେ ଆଜୀବନ ସଂଘର୍ଷ କରୁଥିଲେ, ତାଙ୍କୁ କ'ଣ କୁହାଯାଇଥିଲା ?

(i) ଭାଷା ସଂଗ୍ରାମୀ (ii) ଭାଷାପ୍ରେମୀ

(iii) ରିଙ୍ଗ୍ ଲିଡର (iv) ରିଙ୍ଗ୍ ମାଷ୍ଟର

(ଘ) ସମୟ ସ୍ରୋତରେ ଲେଖକ କିପରି ଭାସି ଚାଲିଥିଲେ ?

(i) ଶୁଷ୍କତୃଣ ପରି (ii) ଶୁଖିଲା ନଡ଼ା ପରି

(iii) ଶୁଖିଲା ପତ୍ର ପରି (iv) ଶୁଷ୍କ ପୁଷ୍ପ ପରି

1 x5 =05

୮. ସପ୍ରସଙ୍ଗ ସରଳାର୍ଥ ଲେଖ ।

ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ
ବିନ୍ଧ୍ୟ ଭାନୁ ତୋଷି ହେଲେ ବଂଚାଏ ଦଇବ ଯେ,

କିମ୍ବା

ପାପଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ ଗର୍ଭେ ମୀନେ ତେଜିଁ ଦେବେ ପ୍ରାଣ ।

3x2 =06

୯. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ ।

(କ) ପଂଚଭୂତ କାହାକୁ କହନ୍ତି ?

(ଖ) ରାବଣ ବିଭୀଷଣଙ୍କ ପାଖକୁ କି ବାର୍ତ୍ତା ପଠାଇଥିଲା ?

(ଗ) ଚିଲିକା ବକ୍ଷରେ ଛାୟା ମିଶ୍ରିତ ଆଲୋକରେ ବନସ୍ଥଳୀର ଦୃଶ୍ୟକୁ କାହା ରୂପ ସହିତ ତୁଳନା କରାଯାଇଛି ?

(ଘ) ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି ?

(ଙ) ବିଜୟର ମାଳା ଘେନିବା ପୂର୍ବରୁ କ'ଣ ହେଉ ବୋଲି କବି କହିଛନ୍ତି ?

4x1 =04

୧୦. ଉତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

(କ) ବଣପକ୍ଷୀର ଡାକ ଶୁଣି ଦେହରେ କି ଭାବ ସୃଷ୍ଟି ହୁଏ ?

(i) ଛାତି ଥରି ଉଠେ (ii) ବୁକୁ ଫୁଲି ଉଠେ

(iii) ଦେହରେ ଶିହରଣ ଖେଳିଯାଏ (iv) ମନ ନାଚି ଉଠେ

(ଖ) ମରୁପଥରେ କ'ଣ ସୃଷ୍ଟି କରିବାକୁ କବି କହିଛନ୍ତି ?

(i) ଫୁଲ ବଗିଚା (ii) ହ୍ରଦ

(iii) ଘାସ ଗାଲିଚା (iv) ଝରଣା

(ଗ) ଉଷା କି ପ୍ରକାର ବସ୍ତ୍ର ପିନ୍ଧିଛନ୍ତି ?

(i) ଗୋଲାପୀ ପାଟ (ii) ହଳଦିଆ ପାଟ

(iii) ଲାଲ ପାଟ (iv) ଧଳା ପାଟ

(ଘ) ଦୁର୍ଯ୍ୟୋଧନଙ୍କ ପୁତ୍ରର ନାମ କ'ଣ ?

(i) ଘଟୋତ୍କଚ (ii) ଲକ୍ଷ୍ମଣ କୁମାର

(iii) ଅଭିମନ୍ୟୁ (iv) ଦୃଦକ୍ଷ

1x5 =05

୧୧. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ ।

(କ) କଳିଯୁଗ ଶେଷ ହେବ କିପରି ?

(ଖ) ସଂସାରଟା ତତଲା ଲୁହା କଡ଼େଇ ବୋଲି ଲେଖକ କାହିଁକି ଉପସ୍ଥାପନା କରିଛନ୍ତି ?

(ଗ) ଧରମା ଚରିତ୍ରର ବିଶେଷତ୍ୱ ଲେଖ ।

* * * *